# Joint Press Release of the 17th Round of India-China Corps Commander Level Meeting

December 22, 2022

## ଭାରତ-ଚୀନ ମଧ୍ୟରେ 17 ତମ ପର୍ଯ୍ୟାୟ ସେନା କମାଣ୍ଡରସ୍ତରୀୟ ବୈଠକ ଉପରେ ମିଳିତ ପ୍ରେସ ବିଜ୍ଞପ୍ତି

**ଡିସେମ୍ବର 22, 2022**

ଭାରତ-ଚୀନ ମଧ୍ୟରେ 17 ତମ ପର୍ଯ୍ୟାୟ ସେନା କମାଣ୍ଡରସ୍ତରୀୟ ବୈଠକ 20 ଡିସେମ୍ବର 2022 ରେ ଚୀନ ପାର୍ଶ୍ୱରେ ଥିବା ଚୁସୁଲ-ମୋଲଡୋ ସୀମା ବୈଠକ ସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି।

17 ଜୁଲାଇ 2022 ରେ ଅନୁଷ୍ଠିତ ବୈଠକ ପରେ ହୋଇଥିବା ଅଗ୍ରଗତି ଉପରେ ଆଧାର କରି ଉଭୟ ପକ୍ଷ ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ସମ୍ପୃକ୍ତ ସମସ୍ୟାଗୁଡିକର ସମାଧାନ ପାଇଁ ଖୋଲା ଓ ଗଠନମୂଳକ ଢଙ୍ଗରେ ମତ ବିନିମୟ କରିଥିଲେ। ଉଭୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମାକୁ ଦୃଷ୍ଟିରେ ରଖି ସେମାନେ ଖୋଲା ଓ ସବିଶେଷ ଆଲୋଚନା କରିଥିଲେ ଯାହା ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବାରେ ତଥା ଦ୍ୱିପାକ୍ଷିକ ସଂପର୍କରେ ଅଗ୍ରଗତି ପାଇଁ ସହାୟକ ହେବ।

ଉଭୟ ପକ୍ଷ ପଶ୍ଚିମ ସେକ୍ଟରରେ ଭୂମି ସ୍ତରରେ ସୁରକ୍ଷା ଓ ସ୍ଥିରତା ବଜାୟ ରଖିବାକୁ ସହମତ ହୋଇଥିଲେ। ଉଭୟ ପକ୍ଷ ଯୋଗାଯୋଗରେ ରହିବାକୁ ଏବଂ ସାମରିକ ଓ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଆଲୋଚନା ଜାରି ରଖିବାକୁ ଏବଂ ଅବଶିଷ୍ଟ ସମସ୍ୟାର ଶୀଘ୍ର ତଥା ଗ୍ରହଣୀୟ ସମାଧାନ ପାଇଁ କାର୍ଯ୍ୟ କରିବାକୁ ସହମତ ହୋଇଥିଲେ।

**ନୂଆଦିଲ୍ଲୀ**

**ଡିସେମ୍ବର 22, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.